# Akashvani, Sambalpur

## SAMBALPURI NEWS EVENING BULLETIN

## 21 September 2024- 7.02 pm- 7.12 pm.

*********************************************

୧- ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍‌ର ବୈଷୟିକ ସର୍ବେକ୍ଷଣ୍ କାମ୍ ହେଲା ମୁଲ୍ ।

୨- ଲୁକ୍‌କୁ ଉତମ୍ ମାନର୍ ଚିକିତ୍ସା ସେବା ଯୁଗାବାର୍ ବିଷେଥି ରାଜ୍ୟ ସର୍‌କାର୍ ସମ୍ବେଦନ୍‌ଶୀଲ୍ ଅଛନ୍ ବଲି କହେଲେ ମୁଖ୍ୟମନ୍ତ୍ରୀ ।

୩- ରାଜ୍ୟର୍ ସବୁ ସର୍‌କାରୀ ବିଶ୍ୱବିଦ୍ୟାଳୟ ଆଉ କଲେଜ୍‌ମାନ୍‌କେ ପ୍ରତିଷ୍ଠା କରାଯିବା ଆତ୍ମସୁରକ୍ଷା କ୍ଲବ୍ ।

୪- ରାଜ୍ୟ ସର୍‌କାର୍‌ଙ୍କର୍ ଶହେ ଦିନ୍ ପୁର୍‌ନି ଉଲ୍‌ଗୁନେ ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ମୁଲ୍ ହେଲା ବିକାଶ୍ ମେଳା ।

ଆଉର୍

୫- ଆଏବା ୨୪ ଘଂଟା ଭିତ୍‌ରେ ଘଡ଼୍‌ଘଡ଼ି ସହେତେ ବର୍ଷା ହେବା ବଲି ୧୩ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି ।

ଶ୍ରୀମନ୍ଦିର -ରତ୍ନଭଣ୍ଡାର୍ ଆର୍‌ଏନ୍‌ୟୁ/ କଟକ୍

ଭାରତୀୟ ପ୍ରତ୍ନତାତ୍ୱିକ ସର୍ବେକ୍ଷଣ ସଂସ୍ଥାନ୍ - ଏଏସ୍‌ଆଇ ତର୍‌ଫୁ ଆଏଜ୍‌ଠାନୁ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍‌ର ବୈଷୟିକ ସର୍ବେକ୍ଷଣ୍ ମୁଲ୍ ହେଇଛେ । ପ୍ରତ୍ନତତ୍ୱ ବିଭାଗ୍‌ର ତାଲିମ୍ ପାଇଥିବା ବିଶେଷଜ୍ଞ ମାନ୍‌କର୍ ସହେତେ ଜଷ୍ଟିସ୍ ବିଶ୍ୱନାଥ ରଥ ଆଉ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କର୍ ସମେତ୍ ୨୨ ଝନିଆ ଦଲ୍ ଇ ଅନୁଧାନ୍ କରିଛନ୍ । ଦିନର୍ ୨ ବଜେନୁ ମୁଲ୍ ହେଇକରି ସଞ୍ଜ୍‌ବେଲ୍‌ର ୬ ବାଜିକରି ୧୫ ମିନିଟ୍‌ଥି ଆଜିର୍ ସର୍ବେକ୍ଷଣ୍ କାମ୍ ସରିଥିଲା । ଇତାର୍ ଉତ୍‌ରୁ ଶ୍ରୀମନ୍ଦିର୍ ନ ସାଧାରଣ୍ ଦର୍ଶନ୍ ଆରମ୍ଭ ହେଇଥିଲା । ଆଏବା ସୋମ୍‌ବାର୍‌ତକ୍ ସର୍ବେକ୍ଷଣ୍ କାମ୍ ଚାଲ୍‌ବା ।

ରତ୍ନଭଣ୍ଡାର୍ ମରାମତି ହେବାର୍ ଆଗ୍‌ରୁ ସର୍ଭେ ରିପୋର୍ଟ ଆସ୍‌ବାର୍ ସହେତେ ରତ୍ନଭଣ୍ଡାର୍ ଭିତ୍‌ରେ ଥିବାର୍ ଗୁପ୍ତ କୋଠରୀ ଆଉ ଗୁପ୍ତ ସୁଡ଼ଙ୍ଗର୍ ରହସ୍ୟ ଜନାପଡ଼୍‌ବାର୍ ସମ୍ଭାବନା ରହିଛେ । ରାଜ୍ୟ ସର୍‌କାର୍‌ଙ୍କର୍ ଅନୁମୋଦିତ ମାର୍ଗଦର୍ଶିକା ଅନ୍‌ସାରେ ଇ ସର୍ବେକ୍ଷଣ୍ କରାଯାଉଛେ । ଇଥିର୍‌ଲାଗି ୩ ଦିନ୍‌ତକ୍ ଶ୍ରୀଜୀଉଙ୍କର୍ ନୀତିକାନ୍ତି ଆଉ ସେବାପୂଜାଥି ବ୍ୟାଘାତ୍ ନାଇଁ କରିକରି ନିରୀକ୍ଷଣ୍ ପ୍ରକ୍ରିୟା କର୍‌ବାର୍‌କେ ଦର୍‌କାରୀ ସମୟ ଦେବାର୍ ଲାଗି ବିଶେଷ୍ ନୀତି ନିର୍ଘଂଟ ତିଆର୍ କରାଯାଇଛେ । ଇ ନୀତି ନିର୍ଘଂଟ ଅନ୍‌ସାରେ ଦିନର୍ ୧ ବଜେନୁ ନିରୀକ୍ଷଣ୍ କାମ୍ ଶେଷ୍ ହେବାର୍‌ତକ୍ ସର୍ବସାଧାରଣ

ଦର୍ଶନ୍ ବନ୍ଦ୍ ରହେବା । ସେଆଡ଼େ ଶ୍ରୀମନ୍ଦିର୍ ନ ଆଏବା ମଙ୍ଗଲ୍‌ବାର୍‌ନୁ ଦଶ୍‌ରାର୍ ଲାଗି ଷୋଡ଼ଶ ଉପଚାର୍ ପୂଜା ମୁଲ୍ ହେବା ।

ମୁଖ୍ୟମନ୍ତ୍ରୀ-କେନ୍ଦୁଝର୍ ଗସ୍ତ ଆର୍‌ଏନ୍‌ୟୁ/ ସମ୍ବଲପୁର୍

ରାଜ୍ୟର୍ ଫି’ ଜିଲ୍ଲାର୍ ସଦର୍ ମହକୁମା ନ ସ୍ୱାସ୍ଥ୍ୟ ଶିବିର ଆୟୋଜନ୍ ଲାଗି ପଦ୍‌କ୍ଷେପ୍ ନିଆଯାଉଛେ ଆଉ ସର୍‌କାର୍ ଲୋକ୍‌ମାନ୍‌କୁ ଉତମ୍ ଚିକିତ୍ସାସେବା ଯୁଗାବାର୍ ବିଷେଥି ସମ୍ବେଦନ୍‌ଶୀଲ୍ ଅଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । କେନ୍ଦୁଝର୍ ଜିଲ୍ଲା ଗସ୍ତର ୨ ନମ୍ବର୍ ଦିନେ ଆଏଜ୍ ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଆୟୋଜନ୍ କରାଯାଇଥିବା ମେଗା ସ୍ୱାସ୍ଥ୍ୟ ମେଳାକେ ଉଦ୍‌ଘାଟନ୍ କର୍‌ବାର୍ ଉଲ୍‌ଗୁନେ ଇଟା କହିଛନ୍ । ନୂଆଁ ସର୍‌କାର୍ ଆସ୍‌ଲା ଉତ୍‌ରୁ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ପ୍ରକୋଷ୍ଠକେ ଆସୁଥିବାର୍ ସାଧାରଣ୍ ଲୁକ୍‌କର୍‌ଠାନୁ ସ୍ୱାସ୍ଥ୍ୟ ଆଉ ଚିକିତ୍ସା କ୍ଷେତ୍ର ନ ସମସ୍ୟା ବିଷେ ଶୁନ୍‌ବାର୍ ଉତ୍‌ରୁ କିଛି ନୂଆଁ ପଦକ୍ଷେପ୍ ନେବାର୍ ଲାଗି ସେ ଚିନ୍ତା କରିଥିଲେ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

କେନ୍ଦୁଝର୍ ଜିଲ୍ଲା ସଦର୍ ଡାକ୍ତର୍‌ଖାନା, ଧରଣୀଧର ନାଏକ୍ ମେଡ଼ିକାଲ୍ କଲେଜ୍ ଆଉ ଏସ୍‌ସିବି ମେଡ଼ିକାଲ୍ କଲେଜ୍‌ର

ସାହାଜିଥି ଇ ସ୍ୱାସ୍ଥ୍ୟମେଳା ଆୟୋଜନ୍ କରାଯାଉଛେ । ଇନ ଭିନ୍ ଭିନ୍ ବିଭାଗ୍ର ବିଶେଷଜ୍ଞ ଡାକ୍ତର୍ମାନେ ସାମିଲ୍ ହେଇଛନ୍ । ହେନ୍ତା ଓଡ଼ିଶା ଖଣି ନିଗମ୍ ଆଉ ଏଲ୍.ଭି. ପ୍ରସାଦ୍ ଚକ୍ଷୁ ପ୍ରତିଷ୍ଠାନ୍ର ସାହାଜିଥି ହଜାରେ ଲୁକ୍କର୍ ଆଖି ପରୀକ୍ଷା ସହେତେ ପରୀକ୍ଷା ଉତ୍ରୁ ଦର୍କାର୍ ଥିବାର୍ ଲୁକ୍କୁ ଚଷ୍ମା ଭିଲ୍ ଦିଆଯାଇଥିଲା ।

ହେନ୍ତା ସାମାଜିକ ସଶକ୍ତିକରଣ୍ ଶିବିର୍ ନ ଭାରତ୍ ସର୍କାର୍ଙ୍କର୍ କୃତ୍ରିମ ଅଙ୍ଗ ନିର୍ମାଣ ନିଗମ୍ ଆଉ ରାଜ୍ୟ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ସାହାଜିଥି ହିତାଧିକାରୀମାନ୍କୁ ହ୍ୱିଲ୍ଚେୟାର୍, ବେଟ୍ରୀ ସାଇକିଲ୍, ଓ୍ୱାକର୍, ନି-କେପ୍, ଶ୍ରବଣ ଯନ୍ତ୍ର ଭିଲ୍ ବଁଟାଯାଇଥିଲା ।

ଆତ୍ମସୁରକ୍ଷା କ୍ଲବ୍ ଆର୍ଏନ୍ୟୁ/ କଟକ୍

ଉଚ୍ଚଶିକ୍ଷା ବିଭାଗ୍ ଅଧୀନ୍ଥି ଥିବା ସବୁ ସର୍କାରୀ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଆଉ ଅନୁଦାନ୍ ପ୍ରାପ୍ତ ମହାବିଦ୍ୟାଳୟମାନ୍କେ ଆତ୍ମସୁରକ୍ଷା କ୍ଲବ୍ ପ୍ରତିଷ୍ଠା କରାଯିବା । ରାଜ୍ୟର୍ ଶହେ ୯୫ ଟା ମହାବିଦ୍ୟାଳୟ ନ ଗଲା ଶିକ୍ଷା ବଛର୍ନୁ ଛାତ୍ରୀମାନ୍କୁ ଆତ୍ମସୁରକ୍ଷା ତାଲିମ୍ ଦିଆଯାଉଛେ । ଉଚ୍ଚଶିକ୍ଷା ବିଭାଗ୍ର ନିଷ୍ପତି ଅନ୍ସାରେ ସବୁ ଶିକ୍ଷାନୁଷ୍ଠାନ୍ମାନ୍କେ ଆତ୍ମସୁରକ୍ଷା କ୍ଲବ୍କେ ସମ୍ପ୍ରସାରଣ୍

କରାଯିବା । ଇଥିର୍‌ଲାଗି ୬ ଶହ ୫୦ ନୁ ଅଏତ୍‌କା ଶିକ୍ଷାନୁଷ୍ଠାନ୍‌କେ ଚିହ୍ନଟ୍ କରାଯାଉଛେ । ଇନ ଜନେଇ ଦିଆଯାଇପାରେ ଯେ, ୨୦୧୩ ମସିହାନୁ ରାଜ୍ୟ ସର୍‌କାର୍‌ଙ୍କର୍ ଯୁବନୀତିଥି ଛାତ୍ରୀମାନ୍‌କର୍ ଆତ୍ମରକ୍ଷା କୌଶଲ୍ ତାଲିମ୍ ଦେବାର୍ ଲାଗି ଇ ବ୍ୟବସ୍ଥା ହେଇଥିଲା ।

ସମଲେଶ୍ୱରୀ ମନ୍ଦିର୍- ଦଶ୍‌ହରା ଆର୍‌ଏନ୍‌ୟୁ /ସମ୍ବଲପୁର

ସମ୍ବଲ୍‌ପୁର୍‌ର ଶ୍ରୀ ଶ୍ରୀ ସମଲେଶ୍ୱରୀ ପୀଠ ନ ଶାରଦୀୟ ଦଶ୍‌ହରା ପୂଜା ଲାଗି ତୟାରି ମୁଲ୍ ହେଇଛେ । ଆଏବା ମଙ୍ଗଲ୍‌ବାର୍ ମୁଲାଷ୍ଟମୀ ତିଥି ନ ୧୬ ଦିନିଆ ପୂଜା ମୁଲ୍ ହେବା । ସେହି ଦିନ ପୁଓଜିଉଁତିଆ ପାଲନ୍ କରାଯିବା । ଆଏବା ମାସର୍ ୨ ତାରିଖ୍ ବୁଧବାର୍ ଦିନ ମା ସମଲେଶ୍ୱରୀ ଧବଲ୍‌ମୁଖୀ ଆଉ ଗଙ୍ଗାଦର୍ଶନ୍ ବେଶଥି ଭକ୍ତମାନ୍‌କୁ ଦର୍ଶନ୍ ଦେବେ । ୩ ତାରିଖ୍ ଗୁରୁବାର୍ ନୁ ୯ ଦିନିଆ ଶାରଦୀୟ ପୂଜା ଆଉ ନବରାତ୍ରୀ ଦ୍ୱୀପ ପ୍ରଜ୍ୱଳନ ଆରମ୍ଭ୍ ହେବା । ଆଏବା ମାସର୍ ୧୨ ତାରିଖ୍ ଶନିବାର୍ ଦିନ ସମଲେଶ୍ୱରୀ ପୀଠ ନ ଦଶ୍‌ହରା ଆର୍ ରଣ୍‌ଜିତା ଉତ୍ସବ୍ ଆର୍ ୧୬ ତାରିଖ୍ କୁଆଁରପୂର୍ଣ୍ଣିମା, ଦେବୀଙ୍କର୍ ରାଜରାଜେଶ୍ୱରୀ ବେଶ ନୂଆଁ ଧ୍ୱଜା ଆରୋହଣ୍ ଆଉ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ୍ ହେବା

ବଲି ଶ୍ରୀ ଶ୍ରୀ ସମଲେଶ୍ୱରୀ ମନ୍ଦିର୍ ଟ୍ରଷ୍ଟବୋର୍ଡ୍ ତର୍ଫୁ କୁହାଯାଇଛେ ।

## ବିକାଶ୍ ମେଳା

ସମ୍ବଲପୁର/ ଝାର୍ସୁଗୁଡ଼ା/ ବୌଦ୍ଧ/ ବଲାଙ୍ଗିର୍/ ନୂଆପଡ଼ା

ରାଜ୍ୟ ସର୍କାର୍ଙ୍କର୍ ଶହେ ଦିନ୍ ପୁର୍ବାର୍ ଅବ୍ସରେ ସମ୍ବଲ୍ପୁର୍ ଜିଲ୍ଲା ପ୍ରଶାସନ୍ ତର୍ଫୁ ମନ୍ଦଲିଆ ପଡ଼ିଆ ନ ଆୟୋଜନ୍ କରାଯାଇଥିବାର୍ ୩ ଦିନିଆ ଜିଲ୍ଲାସ୍ତରୀୟ ବିକାଶ୍ମେଳାକେ ପଂଚାୟତ୍ରାଜ୍ ଆଉ ପାନୀୟଜଳ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଉଦ୍ଘାଟନ୍ କରିକରି ରାଜ୍ୟର୍ ବିଜେପି ସର୍କାର୍ ଗଠନ୍ର ଶହେ ଦିନ୍ ଭିତ୍ରେ ହାସଲ୍ କରିଥିବା ସଫଳତା ବାବ୍ଦେ ଆଲୋଚନା କରିଥିଲେ । ଇଥି ବିଧାୟକ୍ ଜୟନାରାୟଣ୍ ମିଶ୍ର ଆଉ ଅଲ୍ଗା ସିଆନ୍ ସୁଜନ୍ମାନେ ଉପସ୍ଥିତ୍ ଥିଲେ । ମେଳା ନ ସ୍ୱୟଂ ସହାୟକ ଗୋଷ୍ଠୀମାନ୍କର୍ ଉତ୍ପାଦିତ୍ ଭିନ୍ ଭିନ୍ ଦରବ୍ର ଷ୍ଟଲ୍ ଲାଗିଛେ ।

ଝାର୍ସୁଗୁଡ଼ା ସହରର୍ ମନ୍ମୋହନ୍ ଏମ୍.ଇ.ସ୍କୁଲ୍ ପଡ଼ିଆଠାନେ ଜିଲ୍ଲାସ୍ତରୀୟ ବିକାଶ୍ମେଳା ଆଏଜ୍ ଉଦ୍ଘାଟିତ୍ ହେଇଯାଇଛେ । ୩ ଦିନ୍ ତକ୍ ଇ ମେଳା ଚାଲ୍ବା । ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ମେଳାକେ ଉଦ୍ଘାଟନ୍ କରିକରି କେନ୍ଦ୍ର ଆଉ ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ କାର୍ଯ୍ୟକାରୀ ହେଉଥିବା ଭିନ୍ ଭିନ୍ ଯୋଜ୍ନା ବାବ୍ଦେ

କହେବାର୍ ସହେତେ ଗଲା ଶହେ ଦିନ୍ ଭିତ୍ରେ ନିଆଯାଇଥିବା ପଦକ୍ଷେପ୍ ମାନ୍କର୍ ଉପ୍ରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମ୍ଥି ୭ ଝନ୍ ହିତାଧିକାରୀଙ୍କୁ ୫୦ ହଜାର୍ ଟଙ୍କାର୍ ଭାଉଚର୍ ଦିଆଯାଇଥିଲା । ମେଳାଥି ଭିନ୍ ଭିନ୍ ବିଭାଗ୍ ତର୍ଫୁ ଷ୍ଟଲ୍ ଲଗାଯାଇଛେ । ଉଦ୍‌ଘାଟନ୍ ଉତ୍ସବ୍‌ଥି ଝାର୍‌ସୁଗୁଡ଼ା ବିଧାୟକ୍ ଟଙ୍କଧର୍ ତ୍ରିପାଠୀ ଉପସ୍ଥିତ୍ ଥିଲେ ।

ବୌଦ୍ଧ କଚ୍‌ରୀ ପଡ଼ିଆଠାନେ ୩ ଦିନିଆ ବିକାଶ୍ ମେଳାକେ ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍, କ୍ଷୁଦ୍ର, ସୂକ୍ଷ୍ମ ଆଉ ମଧ୍ୟମ ଉଦ୍ୟୋଗ୍ ରାଷ୍ଟ୍ରମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଉଦ୍‌ଘାଟନ୍ କରିଛନ୍ । ଜିଲ୍ଲାପାଳ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଉଦ୍‌ଘାଟନୀ କାର୍ଯ୍ୟକ୍ରମ୍ ନ ମନ୍ତ୍ରୀ ଶ୍ରୀ ମଲ୍ଲିକ୍ ସୁଭଦ୍ରା ଯୋଜ୍‌ନାର୍ ସଫଳତା ଉପ୍ରେ କହେବାର୍ ସହେତେ ରାଜ୍ୟର୍ ସବୁ ଜିଲ୍ଲା ନ ଶିଳ୍ପର୍ ବିକାଶ୍ ଲାଗି ରାଜ୍ୟ ସର୍‌କାର୍ ପଦକ୍ଷେପ୍ ନେବେ ବଲି କହିଥିଲେ । କାର୍ଯ୍ୟକ୍ରମ୍ଥି ଲୋକ୍‌ସଭା ସଦସ୍ୟ ସୁକାନ୍ତ କୁମାର୍ ପାଣିଗ୍ରାହୀ, ସର୍‌କାରୀ ଦଲର୍ ମୁଖ୍ୟ ସଚେତକ୍ ସରୋଜ୍ ପ୍ରଧାନ୍, କଂଟାମାଲ୍ ବିଧାୟକ୍ କହ୍ନେଇ ଚରଣ୍ ଡାଙ୍ଗ୍ ଉପସ୍ଥିତ୍ ଥିଲେ ।

ବଲାଙ୍ଗିର୍ ଠାନେ ଜିଲ୍ଲାସ୍ତରୀୟ ବିକାଶ୍ ମେଳାକେ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍‌ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ ଉଦ୍‌ଘାଟନ୍ କରିଛନ୍ । ଇଥି ସାଂସଦ୍ ସଙ୍ଗୀତା କୁମାରୀ ସିଂହଦେଓ ଆଉ ନିରଞ୍ଜନ୍ ବିଶି, ବିଧାୟକ୍ ନବୀନ୍ ଜୈନ୍, ଲକ୍ଷ୍ମଣ୍ ବାଗ୍ ମାଏନ୍‌ତା କୁନୁଆଁ ଭାବେ ଉପସ୍ଥିତ୍ ଥିଲେ ।

ନୂଆପଡ଼ା ମିନି ଷ୍ଟାଡ଼ିୟମ୍ ଠାନେ ରାଜ୍ୟ ସର୍କାର୍ଙ୍କର୍ ଉପଲବ୍ଧି ଆଉ ସଫଳତାର୍ ରିପୋର୍ଟ କାର୍ଡ଼ ନେଇକରି ଜିଲ୍ଲାସ୍ତରୀୟ ବିକାଶ୍ ମେଳା ଉଦ୍‌ଘାଟିତ୍ ହେଇଛେ । ଇ କାର୍ଯ୍ୟକ୍ରମ୍‌କେ ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ଉଦ୍‌ଘାଟନ୍ କରିଛନ୍ । ଇଥି ସାଂସଦ୍ ମାଳବିକା ଦେବୀ, ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଆଉ ଅଲ୍‌ଗା ସିଆନ୍ ସୁଜନ୍‌ମାନେ ଉପସ୍ଥିତ୍ ଥିଲେ । ଇନ ରାଜ୍ୟ ସର୍କାର୍ଙ୍କର୍ ସୁଭଦ୍ରା ଆଉ ଅଲ୍‌ଗା ଯୋଜ୍‌ନାର୍ ହିତାଧିକାରୀମାନ୍‌କୁ ଚେକ୍ ଦିଆଯାଇଥିଲା ।

ନୂଆଁ ବସ୍‌ଷ୍ଟେଣ୍ଡ୍                ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍‌ର ନୂଆଁ ବାଲିଜୋର୍ ଠାନେ ତିଆର୍ କରାଯାଇଥିବାର୍ ଅତ୍ୟାଧୁନିକ୍ ବସ୍‌ଷ୍ଟାଣ୍ଡ୍‌କେ କାର୍ଯ୍ୟକ୍ଷମ୍ କର୍‌ବାର୍ ଲାଗି ଆଏଜ୍ ଗୁଟେ ତୟାରି ବୈଠକ୍ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ଅନୁଷ୍ଠିତ୍ ହେଇଯାଇଛେ । ନୂଆଁ ବସ୍‌ଷ୍ଟାଣ୍ଡ୍ ନ ସିସିଟିଭି କେମ୍‌ରା, ସୁରକ୍ଷା, ଟ୍ରାଫିକ୍, ବେଗ ନିୟନ୍ତ୍ରଣ୍ ଆଉ ପୁଲିସ୍ ବ୍ୟବସ୍ଥାର୍ ଲାଗି ଜିଲ୍ଲାପାଲ୍ ବିଭାଗୀୟ ଅଧିକାରୀମାନ୍‌କୁ ପରାମର୍ଶ ଦେଇଥିଲେ । ବସ୍‌ଷ୍ଟାଣ୍ଡ ନ ଯାତ୍ରୀମାନ୍‌କର୍ ସୁବିଧା ଉପ୍‌ରେ ଭିଲ୍ ଆଲୋଚନା କରାଯାଇଥିଲା ।

ଦେବ୍‌ଗଡ଼୍ -ନିପୁଣ ଓଡ଼ିଶା ମିଶନ୍ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ପ୍ରଶାସନ୍ ଆଉ ସମଗ୍ର ଶିକ୍ଷା ଅଭିଯାନ୍ ତର୍‌ଫୁ ଜିଲ୍ଲା ପରିଷଦ୍ ସମ୍ମିଳନୀ କକ୍ଷ ଠାନେ ନିପୁଣ ଓଡ଼ିଶା ମିଶନ୍ ଆଏଜ୍ ଉଦ୍‌ଘାଟିତ୍ ହେଇଛେ । କାର୍ଯ୍ୟକ୍ରମ୍‌କେ ଜିଲ୍ଲା ପରିଷଦ୍ ଅଧ୍ୟକ୍ଷ କୌଶିକ୍ କୁମାର୍ ପ୍ରଧାନ୍ ଉଦ୍‌ଘାଟନ୍ କରିଥିଲେ । ଇଥି ନିପୁଣ ଓଡ଼ିଶା ମିଶନ୍‌ର ଲୋଗୋ ଆଉ ଗୀତ୍ ଉନ୍ମୋଚନ୍ କରାଯାଇଥିଲା ।

ସଦସ୍ୟତା ଅଭିଯାନ୍ ଆର୍‌ଏନ୍‌ୟୁ/ କଟକ୍

ଭାରତୀୟ ଜନତା ପାର୍ଟି ତର୍‌ଫୁ ଚାଲିଥିବା ରାଷ୍ଟ୍ରୀୟ ସଦସ୍ୟତା ଅଭିଯାନ୍‌ଥି ଆଏଜ୍ ସୁବର୍ଣ୍ଣପୁର୍ ଜିଲ୍ଲାର୍ ବାବୁପାଲି ଗାଁ ନ ଗୁଟେ ସଂଗଠନ୍ ପର୍ବ କରାଯାଇଥିଲା । ଦଲର୍ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଇ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଜିଲ୍ଲା ନ ଦଲର୍ ସାଂଗଠାନିକ୍ ସ୍ଥିତି ବାବ୍‌ଦେ କର୍ମକର୍ତାମାନ୍‌କର୍ ସଙ୍ଗେ ଆଲୋଚନା କରିଥିଲେ । ଇଥି ବିଜେପି ମହିଳା ଆଉ ଯୁବମୋର୍ଚ୍ଚାର୍ କର୍ମକର୍ତାମାନେ ଉପସ୍ଥିତ୍ ଥିଲେ ।

ବନବିଭାଗ୍- ଦୌଡ଼କୁଦ ଆର୍‌ଏନ୍‌ୟୁ/ସମ୍ବଲପୁର

ସମ୍ବଲ୍‌ପୁର୍ ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ୍ ଠାନେ ଜଙ୍ଗଲ୍ ଆଉ ପରିବେଶ୍ ବିଭାଗ୍‌ର ସମ୍ବଲ୍‌ପୁର୍ ଆଉ ରାଉର୍‌କେଲା ସାର୍କିଲ୍ ଏଥ୍‌ଲେଟିକ୍ସ ପ୍ରତିଯୋଗିତା ଆଏଜ୍ ମୁଲ୍ ହେଇଛେ । ରାଜସ୍ୱ କମିଶନର୍ ସଚ୍ଚିନ୍ ରାମଚନ୍ଦ୍ର ଯାଦବ୍, ଆର୍‌ସିସିଏଫ୍ ପି. ଅଶୋକ୍ କୁମାର୍ ଆଉ ଅଲ୍‌ଗା ସିଆନ୍ ସୁଜନ୍‌ମାନେ ମଂଚାସୀନ୍ ଥିଲେ । ଆଏବା କାଏଲ୍‌ତକ୍ ଚାଲ୍‌ବାର୍‌କେ ଥିବାର୍ ଇ ପ୍ରତିଯୋଗିତାଥି ଭିନ୍ ଭିନ୍ ଜଙ୍ଗଲ୍ ଡିଭିଜନ୍‌ନୁ ୩ ଶହ ୫୦ ଝନ୍ ମହିଳା ଆଉ ପୁରୁଷ ଏଥ୍‌ଲେଟ୍ ଅଂଶଗ୍ରହଣ୍ କରୁଛନ୍ । ଉଦ୍‌ଘାଟନ୍ ଆଗ୍‌ରୁ ସମ୍‌ଲେଶ୍ୱରୀ ମନ୍ଦିର୍‌ନୁ ମଶାଲ୍ ପ୍ରଜ୍ୱଳନ୍ କରାଯାଇକରି ଷ୍ଟାଡ଼ିୟମ୍ ନ ପ୍ରତିଷ୍ଠା କରାଯାଇଥିଲା ।

ବିଶ୍ୱ ଶାନ୍ତି ଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ଆନ୍ତର୍ଜାତୀୟ ଶାନ୍ତି ଦିବସ୍ । ଆନ୍ତର୍ଜାତୀୟ ସ୍ତର୍‌ଥି ଦେଶ୍-ଦେଶ୍ ଆର୍ ଲୋକ୍‌ମାନ୍‌କର୍ ଭିତ୍‌ରେ ଶାନ୍ତି ଆର୍ ଭାଇଚାରା ରଖିବାର୍ ଲାଗି ମିଳିତ୍ ଜାତିସଂଘ ତର୍‌ଫୁ ୧୯୮୨ ମସିହାନୁ ଆଝିର୍ ଦିନ୍‌କେ ବିଶ୍ୱ ଶାନ୍ତି ଦିବସ୍ ପାଳନ୍ କରାଯାଉଛେ । ଧୋବ୍ ପାରା ଉଡ଼େଇକରି ବିଶ୍ୱଶାନ୍ତିର ବାର୍ତା ପ୍ରଚାର୍ କରାଯାଉଛେ । ଅହିଂସା ଆଉ ଯୁଦ୍ଧନୁ ବିରତ ହେଇକରି ଫି’ ଦେଶର୍ ଲୁକ୍‌କର୍ ଭିତ୍‌ରେ

ଶାନ୍ତିର୍ ବିଚାର୍‌ଧାରାକେ ତହଁକାବାର୍ ଲାଗି ଜାତିସଂଘ ତର୍‌ଫୁ ଇ ଦିବସ୍‌କେ ବଛାଯାଇଥିଲା । ଫିଁ’ ଲୁକ୍‌କର୍ ଭିତ୍‌ରେ ଆଗ୍‌କେ ବଢ଼୍‌ବାର୍ ଆଉ ବିକଶିତ୍ ହେବାର୍ ଅନୁଭବ୍ କରାବାର୍ ଲାଗି ଗୁଟେ ସମାଜ୍ ପ୍ରତିଷ୍ଠା କର୍‌ବାର୍ ଉଦ୍ଦେଶ୍ ଆଏ ବଲି ଜାତିସଂଘ ତର୍‌ଫୁ କୁହାଯାଇଛେ । ଶାନ୍ତି ଦିବସ୍‌ର ଇ ବଛ୍‌ରର ବାର୍ତା ହେଉଛେ ‘ଶାନ୍ତି ସଂସ୍କୃତିର୍ ବିକାଶ୍’ ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ଉତର୍ ପଶ୍ଚିମ ଆଉ ତାର୍ ପାଖର୍ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ନ ଆଏବା ସୋମ୍‌ବାର୍‌ତକ୍ ଆଉ ଗୁଟେ ଲଘୁଚାପ୍ କ୍ଷେତ୍ର ବନ୍‌ବାର୍ ଅନୁମାନ୍ ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଲଘୁଚାପ୍‌ର ବଲେ ରାଏଜେ ଆଏବା ୪ ଦିନ୍‌ତକ୍ ବର୍ଷା ହେବା । ଆଏବା ୨୪ ଘଂଟା ଭିତ୍‌ରେ ଘଡ଼୍‌ଘଡ଼ି ସହେତେ ବର୍ଷା ହେବା ବଲି ୧୩ ଟା ଜିଲ୍ଲା ଲାଗି ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ପରିବେଶ୍ ମନ୍ତ୍ରୀ- ନୂଆପଡ଼ା ଗସ୍ତ ନୂଆପଡ଼ା ସମ୍ବାଦଦାତା

ଶ୍ରମ ଆଉ ନିୟୋଜନ୍ ଆଉ ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ୨ ଦିନିଆ ନୂଆପଡ଼ା ଗସ୍ତ୍‌ଥି ଆସିକରି ରାଜ୍ୟ ସର୍କାର୍ଙ୍କର୍ ଶହେ ଦିନ୍ ଭିତ୍‌ରେ ହେଇଥିବା ଉନ୍ନୟନ୍ କାମ୍ ବାବ୍‌ଦେ ଆଲୋଚନା କରିଛନ୍ । ଇ ସମିଆଥି ଗରିବ୍ କଲ୍ୟାଣ୍ ଯୋଜ୍‌ନା, ଚାଷ୍ ଆଉ ଚାଷୀମାନ୍‌କର୍ ଲାଗି ଥିବା ଯୋଜ୍‌ନା, ଯୁଆନ୍ ପିଲା ଟୁକେଲ୍ ଆଉ ମହିଳାମାନ୍‌କର୍ ଉନ୍ନତି ଯୋଜ୍‌ନା ବାବ୍‌ଦେ ସେ ଆଲୋଚନା କରିଥିଲେ । ହେନ୍ତା ମନ୍ତ୍ରୀ ଶ୍ରୀ ଖୁଂଟିଆ ସୁଭଦ୍ରା ଯୋଜ୍‌ନାଥି ୧ କୋଟି ମହିଳାଙ୍କୁ ସାମିଲ୍ କରାଯିବା ବଲି ଗସ୍ତ ସମିଆଥି କହିଥିଲେ ।